ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

**News ID-IPR/WCD (Od)/372/16-06-2025**

# ଦକ୍ଷତାଭିତ୍ତିକ ତାଲିମ ଦେଇ ପ୍ରପୀଡିତାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଆମର ମୂଳ ଲକ୍ଷ୍ୟ
## : ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା

- ଲିଙ୍ଗଭିତ୍ତିକ ହିଂସା ଏବଂ ପ୍ରପୀଡିତାମାନଙ୍କ ମାନସିକ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ
- ମହିଳା ହିଂସା ପ୍ରତି ଶୂନ୍ୟ ସହନଶୀଳତା ସରକାରଙ୍କ ପ୍ରତିବଦ୍ଧତା
- ମହିଳା ସୁରକ୍ଷା କ୍ଷେତ୍ରରେ ପୋଲିସମାନଙ୍କୁ ସମ୍ବେଦନଶୀଳ ହୋଇ କାର୍ଯ୍ୟ କରିବାକୁ ପରାମର୍ଶ

ଭୁବନେଶ୍ୱର, ତା ୧୬/୦୫/୨୦୨୫ ରିଖ

ଆଜି ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ ସଭା ଗୃହରେ ଲିଙ୍ଗଭିତ୍ତିକ ହିଂସା ଏବଂ ପ୍ରପୀଡିତାମାନଙ୍କ ମାନସିକ ଯତ୍ନ ସମ୍ପର୍କିତ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମାନ୍ୟବର ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଲିଙ୍ଗଭିତ୍ତିକ ହିଂସା ପ୍ରତି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣେଇଛନ୍ତି ବୋଲି ଦୃଢ଼ ମତ ରଖିଥିଲେ । ୱାନ ଷ୍ଟପ ସେଣ୍ଟର ଭଳି କେନ୍ଦ୍ରମାନଙ୍କରେ ରହୁଥିବା ପ୍ରପୀଡିତମାନଙ୍କ ଦକ୍ଷତା ବିକାଶ ଉପରେ ଧ୍ୟାନ ଦେଇ ସେମାନଙ୍କୁ ସମାଜର ମୁଖ୍ୟସ୍ରୋତର ସାମିଲ କରିବା ସହ ସେମାନଙ୍କ ଆତ୍ମବିଶ୍ୱାସକୁ ପୁନର୍ଜୀବିତ କରି ବଞ୍ଚିବାର ରାହା ପ୍ରଦାନ କରିବାକୁ ସେ ମତ ପ୍ରକାଶ କରିଥିଲେ । ଲିଙ୍ଗଭିତ୍ତିକ ହିଂସା ସହ ଜଡ଼ିତ କେସଗୁଡିକୁ ସମ୍ବେଦନଶୀଳ ଭାବେ ସମାଧାନ କରିବା ପାଇଁ ସେ ପୋଲିସ କାର୍ଯ୍ୟକର୍ତ୍ତାମାନଙ୍କୁ ପରାମର୍ଶ ଦେଇଛନ୍ତି ।

ଏହି ଅବସରରେ ଶ୍ରୀମତୀ ଶୁଭା ଶର୍ମା, ପ୍ରମୁଖ ଶାସନ ସଚିବ, ମହିଳା ଶିଶୁ ବିକାଶ ବିଭାଗ ତଥା ଅଧ୍ୟକ୍ଷ, ଓଡ଼ିଶା ରାଜ୍ୟ ମହିଳା ଆୟୋଗ ଲିଙ୍ଗଭିତ୍ତିକ ହିଂସାକୁ ରୋକିବା ନିମନ୍ତେ ରାଜ୍ୟସରକାରଙ୍କ ସମସ୍ତ ବିଭାଗକୁ ସମନ୍ୱୟରେ କାର୍ଯ୍ୟ କରିବାକୁ ପଡିବ ବୋଲି ସେ ଉଲ୍ଲେଖ କରିଥିଲେ । କେବଳ ସହାନୁଭୂତି ନୁହେଁ ପୀଡ଼ିତାମାନଙ୍କ ମନକୁ ବୁଝି ସେମାନଙ୍କ ପାଇଁ ଏକ ସୁରକ୍ଷିତ ପରିବେଶ ସୃଷ୍ଟି କରିବା ଏହି କର୍ମଶାଳାର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖା, ପୋଲିସ ମହାନିରୀକ୍ଷକ ଶ୍ରୀମତୀ ସାଇନି ଏସ. ନିଜ ପରିବାର ସଦସ୍ୟଙ୍କ ଦ୍ୱାରା ମହିଳାମାନଙ୍କ ପ୍ରତି ବଢୁଥିବା ହିଂସାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି । ଏଥିପାଇଁ ସମାଜର ମନୋଭାବରେ ପରିବର୍ତ୍ତନର ଆବଶ୍ୟକତା ଅଛି ବୋଲି ସେ ଦୃଢ଼ ମତ ରଖିଥିଲେ । ୟୁଏନଏଫପିଏ ଇଣ୍ଡିଆ ରିପ୍ରେଜେଣ୍ଟେଟିଭ ଓ କଣ୍ଟ୍ରି ଡିରେକ୍ଟର, ଭୁଟାନ ମିସ ଆନ୍ଦ୍ରିୟା ଏମ. ୱଜନର ଓଡ଼ିଶାରେ ମହିଳା ସଶକ୍ତିକରଣ ପାଇଁ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡାଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଲିଙ୍ଗଭିତ୍ତିକ ହିଂସା ଲୋପ ନିମନ୍ତେ ସେ ସାମୂହିକ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହି କର୍ମଶାଳାରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ସମାଜସେବୀ ତଥା ହାଇଦ୍ରାବାଦସ୍ଥିତ ପ୍ରଜ୍ୱଳା ସାମାଜିକ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀମତୀ ସୁନିତା କ୍ରୀଷ୍ଣନ ବିଶେଷ ଉପସ୍ଥାପନ ସହ ଅଂଶଗ୍ରହଣକାରୀମାନଙ୍କୁ ଏହି ପ୍ରସଙ୍ଗ ବିଷୟରେ ବିଶଦ ଆଲୋଚନା କରିଥିଲେ ।

ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ବ୍ୟକ୍ତିବିଶେଷ, ଅନୁଷ୍ଠାନର କର୍ମକର୍ତ୍ତା, ନୀତି ପ୍ରସ୍ତୁତକାରୀ, ଆଇନଜୀବୀ, ପରାମର୍ଶ ସେବା ପ୍ରଦାନକାରୀ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ, ଜିଲ୍ଲା ସୁରକ୍ଷା ଅଧିକାରୀ, ମାନସିକ ସ୍ୱାସ୍ଥ୍ୟ ବିଶେଷଜ୍ଞ, ସାକ୍ଷୀ ୱାନ ଷ୍ଟପ ସେଣ୍ଟର ଓ ଶକ୍ତି ସଦନର କର୍ମକର୍ତ୍ତା, ନାଗରିକ ସମାଜ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, ମହିଳା ଓ ଶିଶୁ ବିକାଶ ବିଭାଗର ଅଧିକାରୀବୃନ୍ଦ, ଓଡ଼ିଶା ରାଜ୍ୟ ମହିଳା ଆୟୋଗର ଅଧିକାରୀବୃନ୍ଦ ଆଦି ଉପସ୍ଥିତ ଥିଲେ ।

ତନୁଜା ମହାନ୍ତି
ଲୋକସଂପର୍କ ଅଧିକାରୀ